بسم الله الرحمن الرحيم

# ୭ ମାର୍ଚ୍ଚ -୨୦୧୪ ଖୁତ୍‌ବଃ ଜୁମାର ସାରାଂଶ

ତଶହହୁଦ୍‌ ତା'ଉଜ୍‌ ଏବଂ ସୁରା ଫାତିହା ଆବୃତ୍ତି କରି ସାରି ହଜୁରଅବ କହିଲେ, ପ୍ରାୟ ତିନି ସପ୍ତାହ ପୂର୍ବେ ବ୍ରିଟେନ୍‌ ଜମାଅତ ଅହମଦୀୟାକୁ ଏକ ଶତ ବର୍ଷ ପୂରଣ ହେବା ଅବସରରେ ଲଣ୍ଡନର ସବୁଠାରୁ ପୁରାତନ ବିଶ୍ୱ ପ୍ରସିଦ୍ଧ ହଲ୍‌ Guild Hall ରେ ବିଭିନ୍ନ ଧର୍ମ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଧର୍ମଗୁରୁ ତଥା ବିଦ୍ୱାନମାନଙ୍କୁ ନିମନ୍ତ୍ରଣ କରାଯାଇ ଏକ ସର୍ବ ଧର୍ମ ସମନ୍ୱୟ ଭିତ୍ତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସେମାନଙ୍କୁ ନିଜ ଧର୍ମର ସାରତତ୍ତ୍ୱ ଏବଂ ଧର୍ମ ସଂସ୍ଥାପକ ତଥା ଅବତାରମାନଙ୍କ ଗୁଣ ବର୍ଣ୍ଣନା କରିବା ପାଇଁ କୁହାଯାଇଥିଲା । ସୁତରାଂଏକବିଂଶ ଶତାବ୍ଦୀର ମାନବ ସଭ୍ୟତାରେ ଈଶ୍ୱରଙ୍କ ଆବଶ୍ୟକତା କାହିଁକି ରହିଛି ଏବଂ ସେ ଏହି ଆଧୁନିକ ଯୁଗରେ କିପରି କାର୍ଯ୍ୟ ସଂଚାଳନ କରୁଛନ୍ତି, ସେହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସେଠାରେ ସମସ୍ତେ ନିଜ ନିଜର ଦୃଷ୍ଟିଭଙ୍ଗୀରେ ବିଚାର ବ୍ୟକ୍ତ କରିଥିଲେ । ସେମାନଙ୍କ ମଧ୍ୟରେ ଅହମଦୀୟା ଜମାଅତ୍‌ ଇସଲାମର ପ୍ରତିନିଧିତ୍ୱରେ ଏହାର ମତବାଦ ରଖିବା ପାଇଁ ମନସ୍ଥ କରିଥିଲା । ଏହା ବ୍ୟତୀତ ହିନ୍ଦୁ, ଖ୍ରୀଷ୍ଟିୟାନ, ବୌଦ୍ଧ, ଦରୋଜି, ଜୋରାଷ୍ଟ୍ରୀୟ ଏବଂ ବହାଇ ସଂପ୍ରଦାୟର ବକ୍ତାମାନେ ଅଂଶ ଗ୍ରହଣ କରିଥିଲେ । ସେହିପରି କେତେକ ରାଜନେତା ଏବଂ Human Rightsର ପ୍ରତିନିଧିମାନଙ୍କୁ କହିବା ପାଇଁ ମଧ୍ୟ ସୁଯୋଗ ଦିଆଯାଇଥିଲା ।

ହଜୁରଅବ କହିଲେ ଯେ ଆଜିର ଖୁତବଃରେ ସେହି ସମାରୋହ ସଂପର୍କରେ କହିବା ମୋର ଉଦ୍ଦେଶ୍ୟ । ଆମ ଲୋକମାନେ ଜୁମାର ଖୁତବଃକୁ ଭଲ ଭାବରେ ଶୁଣନ୍ତି । ତେଣୁ ମୁଁ ସଂକ୍ଷେପରେ ଏବେ ସେ ବିଷୟରେ ଖୁତବଃ ଦେବି । ଏହା ସହିତ ପ୍ରତ୍ୟେକ ଅହମଦି ସେହି ସମାରୋହର କାର୍ଯ୍ୟକ୍ରମକୁ M.T.A.ରେ ମଧ୍ୟ ଦେଖିବା ଉଚିତ, ଯାହା ଦର୍ଶକମାନଙ୍କ ଦ୍ୱାରା ଭରପୁର ଉପଭୋଗ୍ୟ ହୋଇଥିଲା ।

ବର୍ତ୍ତମାନ ମୁଁ ସେହି ସମ୍ମିଳନୀରେ ବିଭିନ୍ନ ବକ୍ତାମାନେ କହିଥିବା ବିଷୟର ସାରମର୍ମକୁ ଉପସ୍ଥାପନ କରିବି ।

ହିନ୍ଦୁ ପରିଷଦର ଚେୟାରମେନ ହିମେଶ ଚନ୍ଦ୍ର ଶର୍ମା କହିଲେ, 'ଆଜିର ବିଷୟବସ୍ତୁ ଅତ୍ୟନ୍ତ ଆଗ୍ରହଜନକ ଯାହାକୁ ଶୁଣିବା ଫଳରେ ଏହି ବିଶ୍ୱ ବ୍ରହ୍ମାଣ୍ଡର ଜଣେ ପରମ କର୍ତ୍ତା ରହିଥିବାର ଆମକୁ ପ୍ରମାଣ ମିଳୁଛି ଏବଂ ଆମେ ସମସ୍ତେ ଏଥିରେ ସହମତି ପ୍ରକାଶ କରୁଛୁ । ଆଉ ଏକ ବିଷୟ ଆଜି ଏଠାରେ ସ୍ୱଷ୍ଟ ହୋଇଯାଇଛି ଯେ କୌଣସି ରାଜନୈତିକ ଦଳ ବା ସଂଗଠନ ଦ୍ୱାରା ଆଜି ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ହୋଇପରିଲା ନାହିଁ । ଚାରିଆଡେ ଏପରି କଳହ ଏବଂ ବିଶୃଙ୍ଖଳା ଲାଗିରହିଛି, ଯାହାର ସମାଧାନ ସେମାନଙ୍କ ହାତରେ ନାହିଁ । ତେଣୁ ସେମାନଙ୍କ ଉପରୁ ଲୋକମାନଙ୍କ ଆସ୍ଥା ତୁଟି ଗଲାଣି । ବରଂ ମୋର ମନେ ହେଉଛି ଯେ ମାନବିକତାର କଲ୍ୟାଣ ସାଧନ ପାଇଁ ଆମକୁ ପୁନର୍ବାର ଧର୍ମ ଆଡକୁ ଫେରିବାକୁ ହେବ ।' ତାଙ୍କ ପରେ ଲଣ୍ଡନରୁ ଆସିଥିବା ଜଣେ ବୌଦ୍ଧ ପ୍ରତିନିଧି ଧର୍ମଗୁରୁ ଦଲାଇ ଲାମାଙ୍କ ବାର୍ତ୍ତା ପଢି ଶୁଣାଇଲେ ।

ସେ ନିଜ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ '୧୧ ଫେବୃଆରୀ-୨୦୧୪ରେ ଅନୁଷ୍ଠିତ ଆଜିର ଏହି ବିଶ୍ୱ ଧର୍ମ ସମ୍ମିଳନୀ ଜମାଅତ୍‌ ଅହମଦୀୟାର ଏକ ବଳିଷ୍ଠ ଓ ସାହସିକ ପଦକ୍ଷେପ । ଏହିପରି ଧର୍ମ ସମ୍ମିଳନୀର ଫଳାଫଳ ସୁଦୂରପ୍ରସାରୀ ।'

ପୁଣି ଦରଓ୍ୱଜୀ ସଂପ୍ରଦାୟର ମୁଖ୍ୟ ଶେଖ ମୌଫିକ୍‌ ସାହେବ କହିଲେ, 'ଅହମଦୀୟା ଜମାଅତ୍‌ ଏବଂ ଏହାର ଇମାମ୍‌ଙ୍କ ନିକଟରେ ମୁଁ କୃତଜ୍ଞତା ଜଣାଉଛି ଯେ ସେମାନେ ମୋତେ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ନିମନ୍ତ୍ରିତ କରିଛନ୍ତି । ବ୍ରିଟେନ ଅହମଦୀୟା ଶତବାର୍ଷିକୀ ପାଳନ ଅବସରରେ ଏଭଳି ଏକ ମହା ସମାରୋହ ଆୟୋଜନ କରାଯାଇଥିବାରୁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି । ଅହମଦୀୟା ଜମାଅତ୍‌ ସହିତ ଦରୋଜ ସଂପ୍ରଦାୟର ବନ୍ଧୁତ୍ୱ ପୂର୍ଣ୍ଣ ସଂପର୍କ ରହିଛି । ଆସନ୍ତୁ ଆମେ ମିଳିମିଶି ଅତ୍ୟାଚାର ଓ କଠୋରବାଦର ପ୍ରତିରୋଧ କରିବା ଏବଂ କେବଳ ପ୍ରାଚ୍ୟ ଦେଶରେ ନୁହେଁ, ସମଗ୍ର ବିଶ୍ୱରେ ପ୍ରେମ ଏବଂ ମୈତ୍ରୀର ଅମୀୟ ଧାରା ପ୍ରବାହିତ କରିବା ।'

ପୁଣି କ୍ୟାଥେଲିକ ଚର୍ଚ୍ଚର ବିଶପ କ୍ୟାମେନ୍‌ ମ୍ୟାକ ଡୋନାଲ୍‌ଡ କହିଲେ, 'ବିଶ୍ୱ ଧର୍ମ ମହାସଭାରେ ଅଂଶଗ୍ରହଣ କରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ପୃଥିବୀରେ ସର୍ବତ୍ର ବର୍ତ୍ତମାନ ଏପରି ସମ୍ମିଳନୀର ପରମ ଆବଶ୍ୟକତା ରହିଛି' । ଏହାପରେ ସେ ଖ୍ରୀଷ୍ଟିୟାନ କ୍ୟାଣ୍ଟବଟ୍‌ର ପ୍ରେସିଡେଣ୍ଟ ଶ୍ରୀଯୁକ୍ତ କାର୍ଡିନଲ ପିଟର ଟିକ୍‌ସନ୍‌ଙ୍କ ବାର୍ତ୍ତା ପଢି ଶୁଣାଇଲେ । ଏହିପରି ଅନେକ ରାଜନୈତିକ ନେତାମାନଙ୍କ ସନ୍ଦେଶ ଏବଂ ବକ୍ତବ୍ୟ ରହିଥିଲା । ତନ୍ମଧ୍ୟରେ ଘାନାର ରାଷ୍ଟ୍ରପତିଙ୍କ ସନ୍ଦେଶ ଉଲ୍ଲେଖଯୋଗ୍ୟ । ସେଠାକାର ସଭାନେତ୍ରୀ ବୀରବଂଶ ସୟିଦା ଓ୍ୱାଟସୀ ମହୋଦୟା ସଭାକୁ ସମ୍ବୋଧନ କରି କହିଲେ, 'ଏଭଳି ଏକ ବିଶ୍ୱ ସ୍ତରୀୟ ମହା ସମ୍ମିଳନୀ ଏକ ଉଚ୍ଚ ଖ୍ୟାତିସଂପନ୍ନ ହଲ ମଧ୍ୟରେ ଆୟୋଜିତ ହୋଇଛି । ଏଠାରେ ବସିଥିବା ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସମ୍ମୁଖରେ ନିଜ ମତବ୍ୟକ୍ତ କରିବା ମୋ ପାଇଁ ଅତି

ଗୌରବର ବିଷୟ । ଏହି ସମ୍ମିଳନୀ ଅହମଦୀୟା ଜମାଅତର ଅସୀମ ସାହସ, ବିଶାଳ ହୃଦୟ, ଅପାର ଦୂରଦର୍ଶିତା ଏବଂ ମହାନ ଚିନ୍ତାଧାରାର ପରିଚୟ ଦିଏ । ଆପଣମାନେ ବିଶ୍ୱ ସ୍ତରୀୟ ଏପରି ଏକ ସମାବେଶର ଆୟୋଜନ କରିଛନ୍ତି, ଯହିଁରେ କେବଳ ନିଜ ଜମାଅତର ଧର୍ମୀୟ ସିଦ୍ଧାନ୍ତ ଉପସ୍ଥାପନ କରିବା ପରିବର୍ତ୍ତେ ସମସ୍ତ ଧର୍ମର ପ୍ରତିନିଧି ମାନଙ୍କୁ ସେମାନଙ୍କ ଧର୍ମର ତାତ୍ତ୍ୱିକ ଦୃଷ୍ଟିକୋଣରୁ ମତବ୍ୟକ୍ତ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି । ଫଳସ୍ୱରୂପ, ବ୍ରିଟେନର ସମସ୍ତ ପ୍ରାନ୍ତରେ ଆଜି କେବଳ ମାନବିକତାର ସେବା କରିବା ଲକ୍ଷ୍ୟରେ ବହୁମୁଖୀ କଲ୍ୟାଣକାରୀ କାର୍ଯ୍ୟ ମାନ ଦୃଷ୍ଟିଗୋଚର ହେଉଛି । ପୁଣି ଉକ୍ତ ଭଦ୍ର ମହିଳା କହିଲେ ଯେ ଆଜିର ଏହି ସଭା କାର୍ଯ୍ୟରୁ ଏହା ପ୍ରମାଣିତ ହୋଇଗଲା ଯେ ଦୁନିଆ ଯାକର ଧର୍ମ ସଂପ୍ରଦାୟ ଏକତ୍ର ମିଳିତ ହୋଇଛନ୍ତି ଏବଂ ଏଠାରେ ସଂକଳ୍ପ କରିଛନ୍ତି ଯେ ସର୍ବଧର୍ମ ସମନ୍ୱୟ ପାଇଁ ଆଗକୁ ପାଦ ବଢାଇବାକୁ ସେମାନେ ପ୍ରସ୍ତୁତ । ସୁତରାଂ ଏହି ସମ୍ମିଳନୀରେ ସାମିଲ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ।

ଆମେରିକାର Commission on International Religious Freedom ର ଉପାଧକ୍ଷା Mrs Dr. Catrina କହିଲେ, 'ମୋତେ ଆଜି ଏହି ସମ୍ମିଳନୀରେ ଯୋଗ ଦେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ସେଥିପାଇଁ ମୁଁ ବହୁତ ଖୁସି ଏବଂ ଗର୍ବ ଅନୁଭବ କରୁଛି । ବ୍ରିଟେନ୍ ଜମାଅତ୍‌ର ଶହେ ବର୍ଷ ପୂରଣ ହେବା ଅବସରରେ ଅନୁଷ୍ଠିତ ଏହି ସଭାର ଉଦ୍ଦେଶ୍ୟ ଧର୍ମ ସ୍ୱାଧୀନତା ଏବଂ ମୈତ୍ରୀ ଭାବର ଉଚ୍ଚ ଆଦର୍ଶ ପ୍ରତିଷ୍ଠା କରିବା । ଏହି ଆଦର୍ଶ ହିଁ ଆପଣଙ୍କ ଜମାଅତର ମୌଳିକ ସିଦ୍ଧାନ୍ତ' ।

ବ୍ରିଟେନ ପ୍ରଧାନମନ୍ତ୍ରୀ ପଠାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ସ୍ଥାନୀୟ Attorny General Right Hon'ble Damiunk Creo ସେଠାରେ ପାଠ କରିବା ପୂର୍ବରୁ କହିଲେ, 'ଏହା ଏକ ସ୍ୱତନ୍ତ୍ର ଧରଣର ସମାବେଶ, ମୁଁ ଏକ ଖ୍ରୀଷ୍ଟିୟାନ ଧର୍ମୀ ହୋଇଥିବା ଦୃଷ୍ଟିରୁ ମୋର ଏ ବିଷୟରେ ଅଭିଜ୍ଞତା ରହିଛି ଯେ କୌଣସି ବ୍ୟକ୍ତି ଯେ କୌଣସି ଧର୍ମାବଲମ୍ବୀ ଥାଉ ନା କାହିଁକି ଅନ୍ୟମାନଙ୍କ ଧର୍ମୀୟ ଭାବନା ଏବଂ ବିଶ୍ୱାସର ଅନୁଭବକୁ ଜଣେ ଅପଧର୍ମ ମାର୍ଗୀ ଠାରୁ ଅଧିକ ଭଲ ଭାବରେ ବୁଝିପାରିବ ।'

ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ସେ ପଢିଥିଲେ ଏହିପରି: 'ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ବିଭିନ୍ନ ଧର୍ମର ପ୍ରତିନିଧିମାନଙ୍କୁ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ କରିଥିବା ଯୋଗୁଁ ମୁଁ ଅହମଦୀୟା ମୁସଲିମ ଜମାଅତ୍‌କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ବ୍ରିଟେନରେ ଜମାଅତର ଅନୁପମ ମାନବ ସେବାର କୌଣସି ତୁଳନା ନାହିଁ । ମୁଁ ସେମାନଙ୍କ କାର୍ଯ୍ୟର ପ୍ରଶଂସା ନ କରି ରହିପାରୁ ନାହିଁ । ଏକ ପକ୍ଷେ ଆପଣମାନେ ଦେଶର ବିଭିନ୍ନ ପ୍ରାନ୍ତରେ ସର୍ବଧର୍ମ ସମ୍ମିଳନୀ ଆୟୋଜନ କରୁଛନ୍ତି । ଅପରପକ୍ଷେ ସାଂପ୍ରତିକ ବନ୍ୟା ପରିସ୍ଥିତିରେ ଦୁର୍ଗତ ଲୋକମାନଙ୍କୁ ଯାଇ ସାହାଯ୍ୟ ଯୋଗାଉଛନ୍ତି (ଈଶ୍ୱରଙ୍କ କୃପାରୁ ଖୁଦାମୁଲ ଅହମଦୀୟା ବଡ ସେବା କାର୍ଯ୍ୟରେ ଲାଗି ପଡିଥିଲା)' । ପୁଣି ସେ କହିଥିଲେ, 'ବିଭିନ୍ନ ଧର୍ମ ଏବଂ ସଂପ୍ରଦାୟ ମଧ୍ୟରେ ସଦଭାବ ଏବଂ ସୁସଂପର୍କ ପ୍ରତିଷ୍ଠା କରିବାର ଏକ ଜ୍ୱଳନ୍ତ ସାକ୍ଷ୍ୟ ହେଉଛି ଆଜିର ଏହି ସମ୍ମିଳନୀ । ପୁଣି ସବୁ ଧର୍ମର ଲୋକ ଏକଜୁଟ ହୋଇ କିପରି ପୃଥିବୀରେ ଶାନ୍ତିର ବାତାବରଣ ସୃଷ୍ଟି କରାଯାଇପାରିବ ସେଥିପାଇଁ ଆପଣମାନେ କେତେ ଆନ୍ତରିକତା ପ୍ରକାଶ କରୁଛନ୍ତି, ତାହାର ଗୁରୁତ୍ୱକୁ ମୁଁ ଉପଲବ୍ଧି କରିପାରୁଛି । ଏହି ଅଧିବେଶନରେ ବ୍ରିଟେନ ସରକାର ମଧ୍ୟ ପ୍ରତିନିଧିତ୍ୱ କରୁଛି,ସେଥିପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ । ତେବେ ଜମାଅତ ଅହମଦୀୟାର ଇମାମ ତଥା ଅନ୍ୟ ସମସ୍ତ ଧର୍ମଗୁରୁ ମାନଙ୍କ ସହିତ ଏକତ୍ର ବସି ଶାନ୍ତି ଓ ସହାବସ୍ଥାନ ଦିଗରେ ଆମେମାନେ କିପରି ନିଜର କର୍ତ୍ତବ୍ୟ ପାଳନ କରିପାରିବା ସେ ବିଷୟରେ ଚିନ୍ତା କରିବାର ବେଳ ଆସିଛି ।'

ସେହିପରି ଇଂଲଣ୍ଡରେ ଅନୁଷ୍ଠିତ ଏହି ଶତବାର୍ଷିକୀ ସମାରୋହର Curch of Englandର ମୁଖ୍ୟଙ୍କୁ Guild Hall ଠାରେ ବିଶ୍ୱଧର୍ମ ସମ୍ମିଳନୀ ଅବକାଶରେ ସନ୍ଦେଶ ପଠାଇବାପାଇଁ କୁହାଯାଇଥିବାରୁ ସେ ନିଜର ଆନ୍ତରିକ ଶୁଭେଚ୍ଛା ଜଣାଇ ଥିଲେ ଏବଂ ବ୍ୟକ୍ତିଗତ ସଚିବଙ୍କ ମାଧ୍ୟମରେ ଲେଖିଥିଲେ ଯେ ଏହି ଜଲସାର ସଫଳତା ଅବିସ୍ମରଣୀୟ ହୋଇ ରହିବା ପାଇଁ ରାଣୀ ଶୁଭକାମନା କରିଛନ୍ତି ।

ଏହାପରେ ସମ୍ମିଳନୀରେ ହଜୁର ଦେଇଥିବା ବକ୍ତବ୍ୟର ସାରାଂଶ ବର୍ଣ୍ଣନା କରି ସ୍ୱୟଂ ହଜୁର[ଅବ] କହିଲେ, *"ଅଲ୍ଲାଃ ଚାହୁଛନ୍ତି ଯେ ମନୁଷ୍ୟର ସୁଧାର ହେଉ । ସେ ଈଶ୍ୱରଙ୍କ ପ୍ରତି ନିଜ କର୍ତ୍ତବ୍ୟ ପାଳନ କରୁ ଏବଂ ସକଳ ପ୍ରାଣୀଙ୍କ ପ୍ରତି ରହିଥିବା ତାହାର କର୍ତ୍ତବ୍ୟ ମଧ୍ୟ ପାଳନ କରୁ । ଅବତାରମାନେ ସେହି ଉଦ୍ଦେଶ୍ୟରେ ଧରାପୃଷ୍ଠକୁ ଆସନ୍ତି । ଯେଉଁମାନେ ତାଙ୍କ କଥା ମାନନ୍ତି, ସେମାନେ ସଫଳତା ଲାଭ କରନ୍ତି ଏବଂ ଯେଉଁମାନେ ଅମାନ୍ୟ କରନ୍ତି, ସେମାନେ ଏହାର କୁପରିଣାମ ଭୋଗ କରନ୍ତି ।" ମୁଁ ପୁଣି କହିଲି, "ହଜରତ ମୁହମ୍ମଦ[ସଅ] ମାନବ ଜଗତର ସଂସ୍କାର ପାଇଁ ଐଶ୍ୱରିକ ନିର୍ଦ୍ଦେଶରେ ନିଜ ପ୍ରଚାର ଅଭିଯାନ ଚଳାଇଲେ । କେବଳ ଧର୍ମ ପ୍ରଚାର ନୁହେଁ, ସତଶିକ୍ଷା ଗ୍ରହଣ କରିବା ସକାଶେ ମନୁଷ୍ୟ ହୃଦୟ ଖୋଲି ଦେବା ପାଇଁ ସେ ରାତି ଉଜାଗର ହୋଇ ଅଲ୍ଲାଃଙ୍କ ଦରବାରରେ ଏପରି ଆକୁଳ ପ୍ରାର୍ଥନା କରୁଥିଲେ ଯେ ସିଜ୍‌ଦା ଗାହ୍ (ଭୂମିଷ୍ଠ ପ୍ରଣିପାତ କରୁଥିବା ସ୍ଥାନ) ଅଶ୍ରୁସିକ୍ତ ହୋଇ ଯାଉଥିଲା । ତାଙ୍କ ହୃଦୟ ପୃଥିବୀରେ ମାନବିକତା ପ୍ରତିଷ୍ଠା କରିବା ପାଇଁ ସବୁବେଳେ ବ୍ୟାକୁଳ ହୋଇ ଉଠୁଥିଲା ଏବଂ ମନୁଷ୍ୟ ଜାତିକୁ ଧ୍ୱଂସରୁ ରକ୍ଷା କରିବା ପାଇଁ ତାଙ୍କ ଅଧିର ପ୍ରାଣରେ ଯେଉଁ ଦରଦ ଥିଲା ତାହା ଅବର୍ଣ୍ଣନୀୟ । ସୁତରାଂ ସେ ସମସ୍ତ ପ୍ରକାର ପାପ କର୍ମରେ ବୁଡି ରହିଥିବା ଅସଭ୍ୟ ମଣିଷକୁ ସଭ୍ୟ ଓ ପବିତ୍ର କଲେ । ପୁଣି ଏକ ଚରିତ୍ରବାନ୍ ଆଦର୍ଶ ପୁରୁଷରେ ପରିଣତ କରିଦେଲେ । ଏପରିକି ଈଶ୍ୱରଙ୍କ ସହିତ ସେମାନଙ୍କ ସଂପର୍କ ଯୋଡିଦେଲେ । ସାଧାରଣ ମନୁଷ୍ୟ ଜୀବନରେ ଏପରି ବିରାଟ ପରିବର୍ତ୍ତନ ଅସାଧାରଣ ଥିଲା ,ଯାହା କୌଣସି ମାନବୀୟ ଶକ୍ତି ଦ୍ୱାରା ସମ୍ଭବ ନୁହେଁ । ବରଂ ତାହା ଭକ୍ତର ଦୁଆକୁ ଶୁଣୁଥିବା ଭାବଗ୍ରାହୀ ଈଶ୍ୱରଙ୍କ କାର୍ଯ୍ୟ"* ।

ପୁଣି ମୁଁ କହିଲି, 'ହଜରତ ମୁହମ୍ମଦସଅ ଶତ୍ରୁମାନଙ୍କ ସହିତ କରିଥିବା ସଦ୍‌ବ୍ୟବହାର ପରି ଦୃଷ୍ଟାନ୍ତ କେଉଁଠି ମିଳେ ନାହିଁ । ମୁହମ୍ମଦସଅ ଏବଂ ତାଙ୍କ ଅନୁଚରମାନଙ୍କୁ ଯାବତୀୟ ଦୁଃଖ ଦେଇ ଏବଂ ଶତ୍ରୁତା ଆଚରଣର ସମସ୍ତ ସୀମା ଲଂଘନ କରିବା ପୂର୍ବକ ସେମାନଙ୍କୁ ମକ୍କାରୁ ବିତାଡିତ କରିଥିଲେ । ସେହି କୋରୈଶମାନଙ୍କୁ ମକ୍କା ବିଜୟ ସମୟରେ ସେ ଏପରି କ୍ଷମା କରି ଦେଇଥିଲେ, ଯେପରି ସେମାନେ କେବେ କୌଣସି ଭୁଲ୍ ବା ଦୁଷ୍ଟାମି ଆଦୌ କରିନାହାନ୍ତି । ଏହି ବାସ୍ତବତାକୁ ନ ବୁଝି ଶତ୍ରୁମାନଙ୍କ ସହିତ ନିଷ୍ଠୁରପୂର୍ଣ୍ଣ ବ୍ୟବହାର ଏବଂ ଆକ୍ରମଣାତ୍ମକ ଯୁଦ୍ଧ କରିବାର ଇସଲାମ ଏବଂ ମୁହମ୍ମଦସଅଙ୍କ ପ୍ରତି ଅଯଥା ଦୋଷାରୋପ କରାଯାଉଛି । ଇତିହାସର ସତ୍ୟତା ଓ ସେ ବିଷୟରେ ସଠିକ ଜ୍ଞାନ ନ ଥିବା କାରଣରୁ ଏପରି ମିଥ୍ୟାରେ ବଦନାମ କରାଯାଉଛି, ଯାହା ସଂପୂର୍ଣ୍ଣ ଭିତ୍ତିହୀନ । ହଜରତ ମୁହମ୍ମଦସଅକେବେ ବି ନିଜ ଆଡୁ ଯୁଦ୍ଧ ଡାକରା ଦେଇ ନଥିଲେ ଅଥବା ଆକ୍ରମଣ କରି ନ ଥିଲେ । ଆଜି ମଧ୍ୟ ଇସଲାମର ସେହି ଆଦର୍ଶ ଶିକ୍ଷାକୁ ପୁଣି ଥରେ ପ୍ରଚଳନ କରିବା ପାଇଁ ଜମାଅତ ଅହମଦୀୟାର

ସଂସ୍ଥାପକ ଏପରି ଏକ ସଂପ୍ରଦାୟ ଗଠନ କରିଛନ୍ତି, ଯାହା ସେହି ନୀତିଶିକ୍ଷା ଉପରେ ପାଳନ କରୁଛି । ଏହା କୌଣସି ପୁରୁଣା କାହାଣୀ ଉପରେ ଆଧାରିତ କଥାବସ୍ତୁ ନୁହେଁ, ବରଂ ସେ ଆମମାନଙ୍କ ମନରେ ଏକ ଦୃଢ଼ ଧାରଣା ସୃଷ୍ଟି କରି ଦେଇଛନ୍ତି ଯେ ସେହି ଈଶ୍ୱର ଆଜି ମଧ୍ୟ ଜୀବିତ ଏବଂ ନିଜ ପରମ ଭକ୍ତଙ୍କ ସହିତ ବାର୍ତ୍ତାଳାପ କରୁଛନ୍ତି ଏବଂ ଐଶ୍ୱରିକ ମହିମା ଦେଖାଉଛନ୍ତି । ସୁତରାଂ ଦୁନିଆ ଏଥିପ୍ରତି ବିଶେଷ ଧ୍ୟାନ ଦେଉ । ନିଜ ଦୋଷକୁ ଈଶ୍ୱରଙ୍କ ଉପରେ ଲଦି ନ ଦେଉ କିମ୍ବା ଏହାକୁ ଧର୍ମ ଉପରେ ଆରୋପିତ ନ କରୁ । ମନୁଷ୍ୟ ନିଜ କୃତକର୍ମ ପାଇ ଆଉ କାହାକୁ ଦାୟୀ ନ କରୁ । ନିଜ ଭୁଲ ବୁଝି ପାରି ସେଥିପାଇଁ ଅନୁଶୋଚନା କରିବା ପାଇଁ ଈଶ୍ୱର ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।'

ହଜୁରଅବ ସମ୍ମିଳନୀରେ ଉପସ୍ଥିତ ଦର୍ଶକମାନଙ୍କ ମତାମତ ବର୍ଣ୍ଣନା କରି କହିଲେ , European Council For Religious Leadersର ସାଧାରଣ ସଂପାଦକ Stein Villum Stad କହିଲେ, ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଅନୁଗାମୀ ଗୋଟିଏ ସ୍ଥାନରେ ଏକତ୍ର ବସି ସହିଷ୍ଣୁ ଭାବରେ ଯଦି ପରସ୍ପର କଥାକୁ ଶୁଣନ୍ତେ ଏବଂ ଏହା ମିଳିତ ସ୍ୱରରେ ସ୍ୱୀକାର କରନ୍ତେ ଯେ ଆମେ ଶାନ୍ତି ଚାହୁଁ - ତାହେଲେ ଏହା ଏକ ବିରାଟ ସଫଳତା ଆଣି ଦିଅନ୍ତା । ପୁଣି ଇଂଲଣ୍ଡରେ ଗ୍ରିନାଡାର ଭାରପ୍ରାପ୍ତ ହାଇ କମିଶନର HEJoselyn White man ଏହିପରି କହିଲେ, 'ଏହା ଏକ ବିରାଟ ସହୋତ୍ସବ ପରି ଲାଗୁଥିଲା । ଗୋଟିଏ ଛାତ ତଳେ ଏତେଗୁଡିଏ ଧର୍ମର ଲୋକ କିପରି ଏକତ୍ର ହୋଇ ବସି ପାରୁଛନ୍ତି, ତାହା ଦେଖି ଆମ ଧର୍ମ ବିଶ୍ୱାସ ବଢୁଛି । ଏହାଦ୍ୱାରା ଆଜିକାଲି ପୃଥିବୀରେ ଉପୁଜୁଥିବା ସମସ୍ୟା ଗୁଡିକରସମାଧାନ କରିବା ଲାଗି ଲୋକମାନଙ୍କୁ କିପରି ଏକାଠି କରାଯାଇପାରିବ, ତାହାର ଧାରଣା ଫଳପ୍ରଦ ହେଉଛି ।' ଲଣ୍ଡନ ମେଟ୍ରୋପଲିଟାନ୍ ପୋଲିସ କମାଣ୍ଡର Mrs. Mak Chisty କୁହନ୍ତି, 'ଏହା ମୋତେ ଆଜି ଭଲ ଲାଗିଛି ଯେ ପ୍ରତ୍ୟେକ ବକ୍ତା ଅନ୍ୟ କୌଣସି ଧର୍ମକୁ ଆକ୍ଷେପ ନ କରି କେବଳ ନିଜ ଧର୍ମର ଗୁଣଗ୍ରାମ ବର୍ଣ୍ଣନା କରିଛନ୍ତି । ଆମମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ଏବଂ ଏକା ପ୍ରକାର ଆତ୍ମୀୟ ଭାବ ସୃଷ୍ଟି କରିବାରେ ଏହି ସଭାର ଉଦ୍ଦେଶ୍ୟ ନିହିତ ।' ସୁତରାଂ ଏହି ଆଭିମୁଖ୍ୟକୁ ଦର୍ଶାଇ ହଜରତ ମସିହ ମଉଦଅସ ମହାରାଣୀ ଭିକ୍ଟୋରିଆଙ୍କ ନିକଟକୁ ପତ୍ର ଲେଖିଥିଲେ ।

ଲଣ୍ଡନ ପ୍ରତିନିଧି ରୂପେ ୟୁରୋପୀୟ ପାର୍ଲାମେଣ୍ଟରେ ସଦସ୍ୟ ଥିବା Dr. Charles Tannock MEP କୁହନ୍ତି, 'ଆମକୁ ଭବିଷ୍ୟତରେ ଏହି ଏକ ମାତ୍ର ପନ୍ଥା ଅବଲମ୍ବନ କରିବା ବ୍ୟତୀତ ଅନ୍ୟ କୌଣସି ଚାରା ନାହିଁ । ଆମେ ସମସ୍ତେ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରିଛୁ । ଏହା କଦାପି ସ୍ୱୀକାର ଯୋଗ୍ୟ ନୁହେଁ ଯେ ଈଶ୍ୱର ଚାହୁଁଛନ୍ତି ଆମେମାନେ ପରସ୍ପର ମଧ୍ୟରେ ଏପରି ଲଢେଇ ଝଗଡା କରି ଚାଲିଥିବା । ସେଥିପାଇଁ ମୁଁ ଶାନ୍ତିର ଏହି ସନ୍ଦେଶକୁ ଦୃଢ଼ ସମର୍ଥନ କରୁଛି । ଅହମଦିମାନଙ୍କ ଏହି ନୀତିବାକ୍ୟକୁ ମୁଁ ବିଶେଷ ସମ୍ମାନ ଦୃଷ୍ଟିରେ ଦେଖୁଛି, Love for All, Hatred for None ଅର୍ଥାତ୍ 'ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହି ,ଏହା ଏକ ବିଶ୍ୱବ୍ୟାପୀ ସନ୍ଦେଶ । ବିଭିନ୍ନ ଧର୍ମ ସଂପ୍ରଦାୟ ଏକତ୍ର ବସି ମିଳିତ ବୁଝାମଣା ପ୍ରତି ଯେତେ ଅଧିକ ଗୁରୁତ୍ୱ ଦେବେ, ସେତେ ଅଧିକ ଉତ୍ତମ ହେବ ।'

ବ୍ରିଟିଶ ପାର୍ଲାମେଣ୍ଟର APPG (All Party Parliamentary Group)ର ସଦସ୍ୟ ଯିଏ କ An International Freedom of Religion ର ଅଧ୍ୟକ୍ଷା ଅଛନ୍ତି- Baroness Berridge କହନ୍ତି, 'ମୁଁ ଧର୍ମଭିତ୍ତିକ ସ୍ୱାଧୀନତାର ସର୍ବଦଳୀୟ ନେତ୍ରୀ ହେବା ଦୃଷ୍ଟିରୁ ଅହମଦୀୟା ସଂପ୍ରଦାୟ ମାନବ କଲ୍ୟାଣ ପାଇଁ ଯେପରି ସେବା ମୂଳକ କାର୍ଯ୍ୟ କରିଆସୁଛି, ତାହା ମୁଁ ଜାଣିଛି । ଏ ବିଷୟ ଜମାଅତର ଇମାମ୍ ନିଜ ବକ୍ତବ୍ୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଏହି କାର୍ଯ୍ୟରେ ସେମାନଙ୍କୁ ସହଯୋଗ ଓ ସମର୍ଥନ କରିବାରେ ଆମେ ଖୁସି ଅନୁଭବ କରୁଛୁ । ଏହା ମଧ୍ୟ ଅତ୍ୟନ୍ତ ଆନନ୍ଦର କଥା ଯେ ଅହମଦିମାନଙ୍କୁ ଏହି ଦେଶରେ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି ।

ଅନ୍ୟ ଜଣେ APPG ର ସଦସ୍ୟ Key Cartetr କୁହନ୍ତି : ଜମାଅତ ଅହମଦୀୟାର ଇମାମଙ୍କ କହିବା ଅନୁସାରେ ସମସ୍ତ ଧର୍ମର ମୂଳ ଶିକ୍ଷା ଗୋଟିଏ । ଅର୍ଥାତ୍ ପ୍ରେମ, ମୈତ୍ରୀ ଏବଂ ଶାନ୍ତି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଏହାକୁ ଗଣମାଧ୍ୟମରେ ଏପରି ବିକୃତ କରି ପ୍ରଦର୍ଶନ କରାଯାଇଛି, ଯାହା ମନୁଷ୍ୟ ମନୁଷ୍ୟ ମଧ୍ୟରେ ସଂଘର୍ଷର ସୂତ୍ରପାତ କରାଉଛି । ଅଥଚ ଆଜିର ଏହି ସମାରୋହରେ ଆମେ ଠିକ୍ ଏହାର ଓଲଟା ଦେଖୁଛୁ, ଯାହା ଏକ ସକାରାତ୍ମକ ଭାବନାକୁ ଦର୍ଶାଉଛି ।

ପୁଣି ସେମାନଙ୍କ Chief ନିଜ ବାର୍ତ୍ତାରେ ଲେଖିଛନ୍ତି: ଦୁନିଆର ସମସ୍ତ ଧର୍ମ ଗୋଟିଏ ଅନ୍ୟର ଧର୍ମଗତ ଏବଂ ଭାବର ଆଦାନ ପ୍ରଦାନ କରିବା ଉଚିତ । କାରଣ ଆମେ ସମସ୍ତେ ଆଦମଙ୍କ ବଂଶଧର ଏବଂ ଈଶ୍ୱର ଆମ୍ଭମାନଙ୍କୁ ସୃଷ୍ଟି କରିଛନ୍ତି । ଆମେ ଜଣେ ଅନ୍ୟର

ବିଶ୍ୱାସର ଭାବନାକୁ ସମ୍ମାନ ଦେବା ଉଚିତ ଏବଂ ସୁଖ ଶାନ୍ତିରେ ମିଳିମିଶି ରହିବା ଆବଶ୍ୟକ । କୌଣସି ପ୍ରକାର କଳହରେ ନ ମାତି ଶାନ୍ତି ସ୍ଥାପନ ପାଇଁ ଯଥା ସମ୍ଭବ ପ୍ରୟାସ କରିବା ଉଚିତ ।

ହଜୁର(ଅବ) ତାଙ୍କୁ  ପରାମର୍ଶ ଦେଲେ ଯେ,ଏହି ବାର୍ତ୍ତାକୁ ତାଙ୍କ ଦେଶ ଇସ୍ରାଇଲ ସରକାରଙ୍କୁ ଜଣାନ୍ତୁ । ଯାହା ମୁଁ ପୂର୍ବରୁ ସବୁବେଳେ କହିଆସୁଛି । ଜଣେ  କାଉନ୍‌ସିଲର୍ ସନ୍ତୁଖ୍ ସିଂହ କହିଲେ, ‘ଜମାଅତ୍  ଅହମଦୀୟାର ଇମାମ ଆମକୁ  ବୁଝାଇଛନ୍ତି  ଯେ ସମସ୍ତ ଧର୍ମର ଅନେକ ଶିକ୍ଷା ଏକା ପରି । ଆମକୁ ସମସ୍ତ ବିଶ୍ୱଧର୍ମ ମାନବିକତାର ଶିକ୍ଷା ଦିଏ । ଆମେ ସର୍ବଦା ମିଳିମିଶି କାର୍ଯ୍ୟ କରିବା ଏବଂ ଜଣେ  ଅନ୍ୟର ଉପକରା କରିବା ଉଚିତ୍ ।

ନରୱେର ଖ୍ରୀଷ୍ଟିୟାନ୍ Republic  Party ର Billy Tranger କୁହନ୍ତି: ‘ଜମାଅତର ଇମାମ ନିଜ ବକ୍ତବ୍ୟର ଶେଷରେ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଦେଇଛନ୍ତି ଯେ ଆମକୁ ଶାନ୍ତିର ପ୍ରତିଷ୍ଠା ପାଇଁ ମିଳିମିଶି କାମ କରିବାକୁ ପଡିବ । ମୋ ମତରେ ଆଜି ଦୁନିଆକୁ ଏହାର ଆବଶ୍ୟକତା ସବୁଠାରୁ ବେଶୀ ରହିଛି ଏବଂ ଏହି ସନ୍ଦେଶ ନରୱେରେ ପହଞ୍ଚାଇବା ମଧ୍ୟ ଆମମାନଙ୍କ ସକାଶେ ବହୁତ ଜରୁରୀ ହୋଇପଡିଛି । ଆମେଷ୍ଟରଡାମ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର୍ Dr.T. Sunier କହିଲେ, ଜମାଅତ ଅହମଦୀୟାର ଇମାମ୍‌ଙ୍କ ଦୃଢୋକ୍ତିରୁ ଆଜି ଏହି ପ୍ରମାଣିତ  ହୋଇଛି ଯେ ଇସଲାମ ଏବଂ କୁରଆନ୍ ନିଷ୍ଠୁର ଆଚରଣର ଶିକ୍ଷା ଦିଏ ନାହିଁ, ବରଂ ଏହା ଶାନ୍ତିର ପ୍ରତିଷ୍ଠା ଉପରେ ଜୋର ଦିଏ ।’ ପୁଣି Greek Orthodox Patriarch of Antiochର ଧାର୍ମିକ ନେତା Father Ethelwine କହିଲେ, ‘ମୁଁ ଅହମଦୀୟା ଜମାଅତ୍‌ର ବିଭିନ୍ନ ଉତ୍ସବରେ ଯୋଗ ଦେଇଛି । ଜମାଅତ୍‌ର ଇମାମ୍‌ଙ୍କ ବ୍ୟକ୍ତିତ୍ୱ ଏବଂ ସନ୍ଦେଶକୁ ମୁଁ ଅନ୍ତରରୁ ପ୍ରଶଂସା କରୁଛି । ସବୁଥର ପରି ଏଥର ଜମାଅତ୍‌ର ଖଲିଫାଙ୍କ ବକ୍ତବ୍ୟ ସବୁଠାରୁ ଉଚ୍ଚକୋଟିର ହୋଇ ଥିଲା । ବିଭିନ୍ନ ଧର୍ମର ଲୋକଙ୍କୁ ଗୋଟିଏ ସ୍ଥାନରେ ଆଣି ଠୁଳ କରିଦେବା ନିଶ୍ଚିତ ଭାବରେ ଏକ ସାହସିକ ପଦକ୍ଷେପ । ସେମାନଙ୍କର କଥାକୁ ମନପ୍ରାଣ ଦେଇ ଶୁଣିବା ଧର୍ମୀୟ ଏକତା ହାସଲ କ୍ଷେତ୍ରରେ ବହୁତ ବଡ ସଫଳତା ଆଣି ଦେଇଛି ।’

ଆୟରଲ୍ୟାଣ୍ଡରୁ ଆସିଥିବା ଜଣେ ଭଦ୍ରବ୍ୟକ୍ତି କହିଲେ, ‘ଆଜିର ସନ୍ଦେଶ ମୋ ମନ ଓ ପ୍ରାଣକୁ ଆନ୍ଦୋଳିତ କରିଦେଇଛି । ଅହମଦିମାନଙ୍କୁ ମୋର ଅନୁରୋଧ ଯେ ଆଜିର ବିଜ୍ଞାପନ ଯୁଗରେ ଆପଣମାନେ ଏହି ସନ୍ଦେଶକୁ ଅଧିକ ଭଲ ଭାବରେ ପ୍ରଚାର ଓ ପ୍ରସାରଣ କରନ୍ତୁ । କାରଣ ବହୁତ କମ ଲୋକ ଆପଣଙ୍କ କାର୍ଯ୍ୟଧାରାକୁ ଜାଣନ୍ତି ।’

European Council of Religious Leaders ସହ ସଂପୃକ୍ତ ଜାହାଙ୍ଗୀର ସାରୋ ସାହେବ କହନ୍ତି, ‘ମୁଁ ଜଣେ ଜୋରାଷ୍ଟ୍ରିୟାନ୍ ଧର୍ମର ଅନୁଗାମୀ । ଏହି ଉତ୍ସବ ମୋତେ ଅତିଶୟ ପ୍ରଭାବିତ କରିଛି । ସମସ୍ତ ବିଦ୍ୱାନଙ୍କ ବକ୍ତୃତା ବହୁତ ଭଲ ଲାଗିଲା । କିନ୍ତୁ ଶେଷରେ ଜମାଅତ ଅହମଦୀୟାର ମୁଖ୍ୟଙ୍କ ଭଷଣ ଅତି ମର୍ମସ୍ପର୍ଶୀ ହୋଇଥିଲା ।’ ସେହିପରି ଜଣେ ଧର୍ମଜ୍ଞାନ ପଢାଉଥିବା ଶିକ୍ଷକ ରାବନ୍ ହସ୍‌ସୀ କହନ୍ତି; ‘ଏପରି ଆଧାତ୍ମିକ ସମାବେଶ ବିଷୟରେ ଆଗରୁ ମୋର ଧାରଣା ନଥିଲା । ମୁଁ ସମସ୍ତ ଧର୍ମର ବକ୍ତବ୍ୟ ଶୁଣିଲି, ଘରେ ଯାଇ ଏ ବିଷୟରେ ଚିନ୍ତା କରିବି । ବିଶେଷତଃ ଜମାଅତ୍ ଅହମଦୀୟାର ଇମାମ୍‌ଙ୍କ ଭାଷଣ ଶୀଘ୍ର ପ୍ରକାଶିତ ହୋଇ ଲୋକଲୋଚନକୁ ଆସିବ ବୋଲି ମୋର ଆଶା ।’

କ୍ୟାଥେଡ୍ରାଲ ସହିତ ସଂପୃକ୍ତ Canon Dr. Care କୁହନ୍ତି; ‘କିଛି କାଳ ପୂର୍ବେ ଲୋକେ ଭାବୁଥିଲେ ଆମକୁ କୌଣସି ଧର୍ମର ଆବଶ୍ୟକତା ନାହିଁ । କିନ୍ତୁ ଆଜି ଏହା ପ୍ରମାଣସିଦ୍ଧ ହୋଇଯାଇଛି ଯେ ସେହି ଧାରଣା ସଂପୂର୍ଣ୍ଣ ଅମୂଳକ ଏବଂ ଭିତ୍ତିହୀନ ।’

ପୁଣି ବେଲ୍‌ଜିୟମର Anwerpen ବିଶ୍ୱବିଦ୍ୟାଳୟର Dr. Lydia ତଥା ତାଙ୍କର ଦୁଇ ଜଣ ପ୍ରଫେସର କହିଲେ, ‘ଇସଲାମ ଏବଂ ମୁହମ୍ମଦ[ସଅ]ଙ୍କ ପ୍ରକୃତ ଶିକ୍ଷାକୁ ଆଧାର କରି ଅହମଦୀୟା ଜମାଅତର ମୁଖ୍ୟ ଯାହା ବକ୍ତବ୍ୟରେ କହିଛନ୍ତି, ସେଥିରେ ସେମାନେ ଅଭିଭୂତ ହୋଇ ପଡିଛନ୍ତି’ । ସେମାନେ ପୁଣି କହିଲେ, ‘ବକ୍ତବ୍ୟ ଶୁଣି ସାରି ଏହା ନିଷ୍ପତ୍ତି କରିଛନ୍ତି ଯେ ସେମାନେ ବିଶ୍ୱବିଦ୍ୟାଳୟ ଯାଇ ନିଜ ଶିକ୍ଷାର୍ଥୀ ମାନଙ୍କୁ ପବିତ୍ର କୁରଆନ୍‌ର ଫ୍ଲେମିସ ଅନୁବାଦ ପଢିବା ପାଇଁ ଦେବେ, ଯଦ୍ୱାରା ଶିକ୍ଷାର୍ଥୀ ମାନେ ଏହାକୁ ଅଧ୍ୟୟନ କରି ଇସଲାମର ବାସ୍ତବ ଶିକ୍ଷା ପ୍ରତି ଅବଗତ ହେବେ । ତେବେ ତାପରେ ଅନୁବାଦିତ କୁରଆନ ବିଶ୍ୱବିଦ୍ୟାଳୟରେ ବଣ୍ଟନ କରାଗଲାଣି । ଏହାଦ୍ୱାରା ଅଲ୍ଲାଃଙ୍କ ଫଜଲରୁ ସେଠାରେ ଅହମଦୀୟତର ପ୍ରଚାର ଓ ପ୍ରସାର ପଥ ଖୋଲିଯାଇଛି ।

ସ୍ପେନରୁ ଆସିଥିବା ମାଡ୍ରିଡ୍ ବିଶ୍ୱବିଦ୍ୟାଳୟର ଧର୍ମ ବିଷୟକ ପ୍ରଫେସର Santiago Catala Rubio ଯେ କି ୨୦୧୨ରେ ୟୁରୋପିୟାନ୍ ପାର୍ଲାମେଣ୍ଟରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗ ଦେଇଥିଲେ, ସେ କୁହନ୍ତି, ‘ଯଦି ମୁଁ ଆଜି ଏଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀ ସମ୍ବନ୍ଧରେ ନିଜର ମତାମତ ବ୍ୟକ୍ତ କରିବାକୁ ଚାହିଁବି, ତା'ହେଲେ ଏହାର ବିଶେଷତ୍ୱ ଏବଂ ଜମାଅତ୍‌ର ଇମାମଙ୍କ ସନ୍ଦେଶକୁ ବର୍ଣ୍ଣନା କରିବାକୁ କାଗଜରେ ଅନେକ ପୃଷ୍ଠା ମଣ୍ଡନ କରିବାକୁ ପଡିବ । ଆଜିର ପୃଥିବୀ ଇତିହାସ ବିଭିନ୍ନ ଧର୍ମ ଜନିତ ଦ୍ୱନ୍ଦ ଓ ମତଭେଦ ମଧ୍ୟ ଦେଇ ଗତି କରୁଛି । ତାହା ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ମଧ୍ୟରେ ହେଉ, କିମ୍ବା ଇସଲାମ ଏବଂ ଖ୍ରୀଷ୍ଟଧର୍ମ ଭିତରେ ହେଉ ଦେଖିବାକୁ ମିଳୁଛି । ସେହିପରି ଅନେକ ଉନ୍ନତଶୀଳ ଦେଶ ତଥା ଅନଗ୍ରସର ଦେଶ ମଧ୍ୟରେ ଏହି ବିରୋଧାଭାସ ପ୍ରକାଶ ପାଉଛି । ଏହି ମତଭେଦକୁ ଘୃଣା ଏବଂ ଅତ୍ୟାଚାରକୁ ଉସୁକାଇବାର ଏକ ବାହାନା ସ୍ୱରୂପ ପ୍ରଦର୍ଶିତ କରାଯାଉଛି । କିନ୍ତୁ ଅହମଦୀୟା ମୁସଲିମ ଜମାଅତ୍‌ର ନୀତିବାକ୍ୟ : ‘ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ’ ସମସ୍ତ ଧର୍ମର ସାରମର୍ମ କୁହାଯାଇପାରେ । ଏହି ସ୍ଲୋଗାନ ସମସ୍ତ ଧର୍ମ ଏବଂ ସକଳ ମନୁଷ୍ୟକୁ ସେମାନଙ୍କ ବିଶ୍ୱାସ ମତ, ଅବସ୍ଥା ଏବଂ ଧର୍ମଧାରଣାରୁ ଉର୍ଦ୍ଧ୍ୱରେ ରହି ସବୁରିଙ୍କୁ ଏକତାର ମନ୍ତ୍ରରେ ଉଦ୍‌ବୁଦ୍ଧ କରାଏ । ଏପରି ଏକ ଦୁଃସମୟରେ ଯେତେବେଳେ ମୁସଲମାନମାନଙ୍କ ବୃହତ୍ ଭାଗ ଘୃଣା, ସଂଘର୍ଷରେ ମାତିଛନ୍ତି, ଏପରିକି ନିଜ ସହିତ ଅନ୍ୟମାନଙ୍କ

ଜୀବନକୁ ବିପଦରେ ପକାଇ ନିଜ ଲୋକମାନଙ୍କ ଉପରେ ଆକ୍ରମଣ କରିବାକୁ ପଛାଉନାହାନ୍ତି, ସେହିପରି ପରିସ୍ଥିତିରେ ଅହମଦୀୟା ଜମାଅତର କାର୍ଯ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେଥିପାଇଁ ଏପରି ଧରଣର ସମାବେଶକୁ ବିଶ୍ୱ ସ୍ତରରେ ଧାର୍ମିକ ଏବଂ ତାତ୍ତ୍ୱିକ ସଂପ୍ରଦାୟ ଗୁଡିକ ଉଚ୍ଛ୍ୱସିତ ସ୍ୱାଗତ କରିବା ଉଚିତ ଏବଂ ଏହାକୁ ସବୁଆଡୁ ଦୃଢ ସମର୍ଥନ ମିଳିବା ଉଚିତ ।

ଅହମଦୀୟା ଜମାଅତ୍‌ର ଜଣେ ଦୃଢ ସମର୍ଥକ ପେଡ୍ରୋଆବାଦ(ସ୍ପେନ୍)ର Migual Garcia ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ । ସେ ୧୯୮୦ ମସିହାରେ ଚର୍ଚ୍ଚର ବିରୋଧ ସତ୍ତ୍ୱେ ସେଠାରେ 'ମସଜିଦ୍ ବେଶାରତ୍' ନିର୍ମାଣ କରିବା ପାଇଁ ଅନୁମତି ମଧ୍ୟ ଦେଇଥିଲେ । ସେ କୁହନ୍ତି, 'ଲଣ୍ଡନରେ ମୁସଲିମ ଜମାଅତ ଅହମଦୀୟା ବିଭିନ୍ନ ଧର୍ମ ସହିତ ସଂପୃକ୍ତ ଧର୍ମତତ୍ତ୍ୱବିତ୍ ରାଜନୈତିକ ନେତା, ପାର୍ଲାମେଣ୍ଟ ସଦସ୍ୟ, ଶିକ୍ଷାବିତ୍ ତଥା ଚିନ୍ତାଶୀଳ ବୁଦ୍ଧିଜୀବିମାନଙ୍କୁ ଏକତ୍ରିତ କରାଇ ଏକତା ଏବଂ ଶାନ୍ତିପାଇଁ କଥାବାର୍ତ୍ତା ମାଧ୍ୟମରେ ବିଚାର ବିମର୍ଷ କରିବାର ଏକ ଅଭିନବ ପ୍ରୟାସ କରିଛନ୍ତି, ମୁଁ ସେଥିପାଇଁ ସେମାନଙ୍କୁ ସାଧୁବାଦ ଜଣାଉଛି । ଏହି ଜମାଅତର ଉଦ୍ଦେଶ୍ୟ ପୂରଣ ହେଉ-ମୁଁ ଏହାର ସଫଳତା କାମନା କରୁଛି ।' ସେ ପୁଣି କହିଲେ, 'ବଡ ଗୌରବର ବିଷୟ ଯେ ମୁଁ ଜମାଅତ୍‌ର ତୃତୀୟ ଖଲିଫାଙ୍କୁ ୧୯୮୧ ମସିହାରେ ବେଶାରତ ମସଜିଦ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ହେବା ସମୟରେ, ଚତୁର୍ଥ ଖଲିଫାଙ୍କୁ ୧୯୮୨ରେ ସେହି ମସଜିଦର ଉଦ୍‌ଘାଟନୀ ଅବସରରେ ଏବଂ ପଞ୍ଚମ ଖଲିଫାଙ୍କୁ ଏହି ସମ୍ମିଳନୀରେ ଆଜି ସାକ୍ଷାତ କରିବାର ସୌଭାଗ୍ୟ ମିଳିଗଲା ।'

'ମୁଁ ହଜରତ ମିର୍ଜା ମସରୁର ଅହମଦ ସାହେବଙ୍କ ବକ୍ତବ୍ୟରେ ବହୁତ ଅନୁପ୍ରାଣିତ ହୋଇଛି । ସେ ଅଯଥା ରକ୍ତପାତ ଏବଂ ଯୁଦ୍ଧରୁ ମୁକ୍ତ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ ଦିଗରେ ଇସଲାମର ଶାଶ୍ୱତ ଶିକ୍ଷାକୁ ଭିତ୍ତିକରି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଯେଉଁ ଦେଶ ପ୍ରତିରକ୍ଷା ନାମରେ ଅସ୍ତ୍ରଶସ୍ତ୍ର ଗୁଡିକୁ ମାନବିକତା ଉପରେ ଅଗ୍ରାଧିକାର ଦେଉଛନ୍ତି, ସେହି ସରକାର ଗୁଡିକର ସେ ତୀବ୍ର ନିନ୍ଦା କରିଛନ୍ତି । ଏପରି ଏକ ସାମାଜିକ ପରିବେଶ ତିଆରି କରିବା, ଯାହା ନ୍ୟାୟ ଏବଂ ପାରସ୍ପରିକ ସହଯୋଗ ଓ ସମ୍ମାନ ରକ୍ଷା କରୁଥିବ- ହଜରତ ମିର୍ଜା ମସରୁର ଅହମଦଙ୍କ ଏଭଳି ଉଚ୍ଚ ଚିନ୍ତାଧାରାକୁ ମୁଁ ଆନନ୍ଦର ସହିତ ଗ୍ରହଣ କରୁଛି । ସେଥିପାଇଁ ସେ ସମସ୍ତ ଧର୍ମର ଲୋକଙ୍କୁ ଗୋଟିଏ ସ୍ଥାନରେ ମିଳିତ ହେବା ନିମନ୍ତେ ନିମନ୍ତ୍ରଣ କରି ଡାକିବା ଏକ ମହତକାର୍ଯ୍ୟ ବୋଲି ମୁଁ ଭାବୁଛି ।

ଆମେ ଆଜି ବିଷମତାରେ ଭରା ଏକ ଦୁନିଆରେ ବାସ କରୁଛୁ । ଅନେକ ଦେଶ ଉନ୍ନତିର ଚରମ ସୀମାରେ ପହଞ୍ଚି ଯାଇଥିବା ବେଳେ ବହୁ ସଂଖ୍ୟାରେ ଲୋକ ଅଭାବ ଅନାଟନ ମଧ୍ୟରେ ରହିଛନ୍ତି ଏବଂ ଭୋକ ଉପାସରେ ମରୁଛନ୍ତି । ଏକ ପକ୍ଷେ ଆମେ ଲକ୍ଷ ଲକ୍ଷ ଟନ ଖାଦ୍ୟ ସାମଗ୍ରୀକୁ ସମୁଦ୍ରରେ ଫିଙ୍ଗି ଦେଉଛେ, ଅଥଚ ଗରୀବ ଲୋକମାନେ ଖାଇବାକୁ ପାଉନାହାନ୍ତି । ପୃଥିବୀରେ କୋଟିପତିଙ୍କ ସଂଖ୍ୟା ବଢିବାରେ ଲାଗିଛି ତ ଅନ୍ୟ ପକ୍ଷେ ଲୋକ ଦାରିଦ୍ର୍ୟର କଷାଘାତରେ ସଢୁଛନ୍ତି । ଏପରି ଏକ ପୃଥିବୀ ପ୍ରତିଷ୍ଠା କରାଯାଉ, ଯାହା ଯୁଦ୍ଧ ପରିହାର କରି ଶାନ୍ତି ପ୍ରତି ଆଗ୍ରହ ପ୍ରକାଶ କରୁଥିବ । ଏପରି ଏକ ମାନବ ସମାଜ ଗଠନ କରାଯାଉ ଯାହା ସମସ୍ତଙ୍କୁ ଏକାଠି ସଙ୍ଗରେ ଧରି ମିଳିମିଶି ଚଳିବ, ଅନ୍ୟାୟ ବିରୁଦ୍ଧରେ ଛିଡା ହେବ ଏବଂ ଶାନ୍ତିର ପରିବେଶ ସୃଷ୍ଟି କରିପାରିବ' ।

ସୁତରାଂ ଏହି ସବୁ ମତାମତ ଆପଣମାନଙ୍କ ସମ୍ମୁଖରେ ବ୍ୟକ୍ତ କଲି । ନିଜ ସୃଷ୍ଟିକର୍ତ୍ତାଙ୍କ ଆଡକୁ ସମସ୍ତେ ନତମସ୍ତକ ହୁଅନ୍ତୁ ଏବଂ ସେହି ପରମ ସତ୍ତାଙ୍କୁ ଚିହ୍ନନ୍ତୁ । ଈଶ୍ୱରଙ୍କୁ ଚିହ୍ନିପାରିଲେ ହିଁ ଧ୍ୱଂସରୁ ମୁକ୍ତି ମିଳିବ । ଏପରି ସତର୍କ ସୂଚନା ହଜରତ ମସିହ ମଉଦ[ଅସ]ଙ୍କ ଲେଖନୀରେ ଏବଂ ବଚନରେ ବାରମ୍ବାର ଦର୍ଶାଇ ଦିଆଯାଇଛି ।

ଏହା ବ୍ୟତୀତ ପାକିସ୍ତାନର ସାଂପ୍ରତିକ ଅବସ୍ଥା ପାଇଁ ପ୍ରାର୍ଥନା କରିବାକୁ ମୁଁ ଆପଣମାନଙ୍କୁ ପୁଣି ଥରେ କହିବାକୁ ଚାହୁଁଛି । ଅଲ୍ଲାଃ ଖଳ ପ୍ରକୃତିର ଲୋକଙ୍କ ଦାଉରୁ ସେହି ଦେଶକୁ ବଞ୍ଚାନ୍ତୁ, ଦୁଷ୍ଟ ଲୋକଙ୍କ କବଳରୁ ଅହମଦିମାନଙ୍କୁ ସୁରକ୍ଷିତ ରଖନ୍ତୁ । କୌଣସି ବିଶୃଙ୍ଖଳାରେ ସଂପୃକ୍ତ ନଥାଇ ମଧ୍ୟ ଯେଉଁମାନଙ୍କୁ ଅଭିଯୁକ୍ତ କରାଯାଇଛି, ସେମାନଙ୍କୁ ଅନ୍ୟାୟରୁ ମୁକ୍ତ କରନ୍ତୁ । ସିରିୟାର ଖରାପ ପରିସ୍ଥିତି ମଧ୍ୟରେ ଗତି କରୁଥିବା ଅହମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ସେଠାରେ କିଛି ଦିନ ପୂର୍ବେ ଜଣେ ଅହମଦିଙ୍କୁ ଗିରଫ କରାଯାଇଛି । ସେହିପରି ସମସ୍ତ ପୃଥିବୀବାସୀଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । କାରଣ ଏପରି ମନେ ହେଉଛି, ଆଉ ଏକ ଯୁଦ୍ଧ ଆଡକୁ ପୃଥିବୀ ଦ୍ରୁତ ଗତିରେ ଧାଉଁଛି । ଯଦି ଯୁଦ୍ଧ ହୁଏ, କିପରି ଭୟାନକ ପରିସ୍ଥିତି ସୃଷ୍ଟି ହେବ ତାହା ବଡ ବଡ ଦେଶ ଗୁଡିକ ବୁଝୁ ନାହାନ୍ତି । ଆଜି ବିଶ୍ୱ ଧ୍ୱଂସର ତଟଦେଶରେ ଛିଡା ହୋଇଯାଇଛି । ଆମର କର୍ତ୍ତବ୍ୟ ସେମାନଙ୍କ ପାଇଁ ବହୁତ ଦୁଆ କରିବା ।

*ସୌଜନ୍ୟ:* **ନେଜାରତ୍ ନଶ୍‌ରୋ ଇଶାଅତ୍, କାଦିୟାନ, ପଞ୍ଜାବ**